

# ଭୁବନେଶ୍ୱର ସିଟି

### ବସଷ୍ଟପ୍ ନ ଥିବାରୁ ହନ୍ତସନ୍ତ ଯାତ୍ରୀ

# କେଉଁଠି ଖରାରେ ସିଝୁଛନ୍ତି ତ କେଉଁଠି ବରଗଛ ଭରସା




ଭୁବନେଶ୍ୱର, ୧୯ ।୨(ସମିସ): ଆରମ୍ଭ ହେଲାଣି ଗ୍ରୀଷ୍ମ ପ୍ରବାହ। ଖରାଦିନରେ ନିଜ ଗନ୍ତବ୍ୟସ୍ଥଳକୁ ଯିବା ଆସିବା କରିବାକୁ ସହରରେ ଗଡୁଛି ଆମ ବସ୍। ହେଲେ ବସ୍ ରହଣୀ ସ୍ଥଳରେ କୌଣସି ବ୍ୟବସ୍ଥା ବା ବସ୍ ଷ୍ଟପ୍ କରାଯାଇ ନଥିବାରୁ ବରଗଛ ମୂଳେ ବସ୍‌କୁ ଅପେକ୍ଷା କରୁଛନ୍ତି ଯାତ୍ରୀ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାଜଧାନୀର ପ୍ରମୁଖ ଜନଗହଳି ସ୍ଥାନ ରାଜମହଲ ଛକରେ। ମାଷ୍ଟର କ୍ୟାଣ୍ଟିନ୍ ପଟୁ ଶିଶୁଭବନ ଯିବା ରାସ୍ତାରେ ରାଜମହଲ ଛକରେ ଅନେକ ଯାତ୍ରୀ ପ୍ରତିଦିନ ଛିଡ଼ା ହୋଇଥାନ୍ତି କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ସାଧାରଣ ଲୋକେ। ହେଲେ ଏଠାରେ ବସଷ୍ଟାଣ୍ଡ ନଥିବାରୁ କେବଳ ଖରାଦିନ ନୁହେଁ ଶୀତ କାକର ସାଙ୍ଗକୁ ବର୍ଷା ଦାଉରୁ ବି ରକ୍ଷା ମିଳୁନଥିବା କହିଛନ୍ତି। ତେବେ ଏଭଳି ଏକ ପ୍ରମୁଖ ସ୍ଥାନରେ ବସଷ୍ଟପ୍ ନଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ରାଜଧାନୀରେ ୩୫ଟି ରୁଟ୍‌ରେ ପ୍ରାୟ ୩୫୦ 'ଆମ ବସ୍' ଯାତାୟତ କରୁଛି। ଏହି ବସ ଗୁଡ଼ିକ ମଧ୍ୟରେ ପ୍ରାୟ ୨ଶହଟି ଏସି ବସ୍ ରହିଥିବା ବେଳେ ରହିଥିବା ସୂଚନା ରହିଛି। ତେବେ କେବଳ ଗରୀବ କିମ୍ବା ମଧ୍ୟବିତ୍ତ ଶ୍ରେଣୀର ଲୋକେ ନୁହଁନ୍ତି ବରଂ ବଡ଼ବଡ଼ିଆ ମାନେ ମଧ୍ୟ ନିୟମିତ ଆମ ବସ୍ ଯୋଗେ ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି। କାରଣ ବର୍ତ୍ତମାନ ସହରରେ ଯେଉଁଭଳି ଟ୍ରାଫିସ୍ ସମସ୍ୟା ସୃଷ୍ଟି ହୋଇଛି ଭିଡ଼ରେ ନ ଫସିବାକୁ ଅନେକ ନିଜ କାର୍ କିମ୍ବା ବାଇକ୍ ବାହାର କରୁ ନ ଥିବା ବେଳେ ଡିଜେଲ ଓ ପେଟ୍ରୋଲ ଦର ପାଇଁ ମଧ୍ୟ ଅନେକ ପକେଟ୍‌କୁ ସୁହାଇଲା ଭଳି ଦରରେ ନିଜ ଗନ୍ତବ୍ୟ ସ୍ଥଳକୁ ଯିବାକୁ ଆମ ବସ୍‌କୁ ନିର୍ଭର କରୁଥିବା କହିଛନ୍ତି। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସହରର ସମସ୍ତ ସ୍ଥାନରେ ବସ ଷ୍ଟପ୍ ନାହିଁ। ଫଳରେ ଲୋକମାନେ ବିପଦସଙ୍କୁଳ ଭାବେ ରାସ୍ତାକଡ଼ରେ ବସ୍‌କୁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ, କ୍ୟାପିଟାଲ ହସ୍ପିଟାଲର ଗୋଟେ ପାଖେ ବସ୍‌ଷ୍ଟପ୍ ଥିବା ବେଳେ ଅର ପାର୍ଶ୍ୱରେ ନାହିଁ। ସେହିପରି ହଂସପାଳ ଛକରେ ଜାତୀୟ ରାଜପଥ ଉପରେ ଯାତ୍ରୀମାନେ ଛିଡ଼ା ହେଉଥିବା ବେଳେ ପାହା ମିଲେନିୟମ ସିଟି ନିକଟରେ ମଧ୍ୟ ସମାନ ସ୍ଥିତି। ଏହାସହ ଫରଚ୍ୟୁନ୍ ଟାୱାର ଛକ, ଖଣ୍ଡଗିରି, ଆଇଗିଣିଆ, ସିଟି ଓମେନ୍ସ କଲେଜ ଆଦି ଛକରେ ଏହି ସମସ୍ୟା ଦୀର୍ଘବର୍ଷ ଧରି ଲାଗି ରହିଥିଲେ ବି ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ଅଭିଯୋଗ ହୋଇଛି। ସେହିପରି ନୟାପଲ୍ଲୀ, ଆଇଗିଣିଆ, ଶାସ୍ତ୍ରୀନଗର, ରାମ ମନ୍ଦିର, ତମାଣ୍ଡୋ, କୋଳଥିଆ, ଜାଗମରା, ଜାଗମରା ଜଗନ୍ନାଥ ମନ୍ଦିର, ଆଇଟିଆର କଲେଜ୍, ଓୟୁଏଟି ଆଦି ଛକରେ ଗୋଟିଏ ପାର୍ଶ୍ୱରେ ବସ୍‌ଷ୍ଟପ୍ ରହିଥିବା ବେଳେ ଅନ୍ୟପାର୍ଶ୍ୱରେ ନଥିବାରୁ ଯାତ୍ରୀମାନଙ୍କୁ ବହୁ ଅସୁବିଧାର ସାମ୍ନା କରିବାକୁ ପଡ଼ୁଛି ବୋଲି ଯାତ୍ରୀମାନେ ମତ ଦେଇଛନ୍ତି।

## 'କୁହୁଡ଼ି'ରେ ଜୀବନ୍ତ ହେଲା ନିଃସଙ୍ଗତାର ଯନ୍ତ୍ରଣା



ଭୁବନେଶ୍ୱର, ୧୯ ।୨(ସମିସ): ଭିଡ଼ ଭିତରେ ମଣିଷଟିଏ କେତେ ଏକା ହୋଇପାରେ, ସମ୍ପର୍କର ଗହଳି ଭିତରେ କେମିତି ନିଃସଙ୍ଗତା ମଣିଷକୁ ତିଳ ତିଳ କରି ଜାଳିପାରେ। ତାହାର ଏକ ମର୍ମସ୍ପର୍ଶୀ ଚିତ୍ର ଦେଖିବାକୁ ମିଳିଛି ମଞ୍ଚ ନାଟକରେ। ବାର୍ଦ୍ଧକ୍ୟର ଅସହାୟତା, ସନ୍ତାନଙ୍କ ଅବହେଳା ଏବଂ ନିଜ ଘର ଭିତରେ ପର ହୋଇ ରହିବାର ଯେଉଁ ଅକୁହା ବେଦନା, ତାହା କଳାକାରଙ୍କ ଜୀବନ୍ତ ଅଭିନୟ ମାଧ୍ୟମରେ ମଞ୍ଚ ଉପରେ ଶିହରଣ ସୃଷ୍ଟି କରିଥିଲା। 'ସଂସ୍କୃତି ସଂସ୍କୃତି' ଓ 'ବିଦ୍ୟାକନକ ସୃଜନାନୁଷ୍ଠାନ'ର ପକ୍ଷରୁ ନାଟ୍ୟକାର ଗୋପୀନାଥ ବାରିକଙ୍କ ରଚିତ ନାଟକ 'କୁହୁଡ଼ି' ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଯାଇଛି। ସଂସ୍କୃତି ଓ ସଂସ୍କୃତିର ସମ୍ପାଦକ ଦିଲୀପ ହାଲିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅତିଥି ଭାବରେ ଲୋକସେବକ ମଣ୍ଡଳର ସଭାପତି ତଥା 'ସମାଜ' ପରିଚାଳନା ବୋର୍ଡର ଅଧ୍ୟକ୍ଷ ରାଜ କୁମାର, ରାଜେନ୍ଦ୍ର କୁମାର ଜେନା, ରମାନାଥ ଝା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାକନକ ସୃଜନାନୁଷ୍ଠାନର ସଭାପତି ଇଂ ସୁଧାକର ପତ୍ରୀ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ସହିଦ ନଗର ଦୁର୍ଗାପୂଜା ସମିତିର ସାଧାରଣ ବାର୍ଷିକ ସଭା

ଭୁବନେଶ୍ୱର, ୧୯।୨(ସମିସ): ସହିଦ ନଗର ଦୁର୍ଗାପୂଜା ସମିତିର ସାଧାରଣ ବାର୍ଷିକ ସଭା ଗତ ୧୪ ଶନିବାର ସହିଦନଗର ଦୁର୍ଗାପୂଜା ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାଟିକୁ ସମିତିର ବରିଷ୍ଠ ଉପଦେଷ୍ଟା ମନୋରଞ୍ଜନ ଦାସ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଗତ ବର୍ଷର ଆନୁମାନିକ ଆୟ ଓ ବ୍ୟୟର ହିସାବ, ଚଳିତ ବର୍ଷ ପୂଜା ପାଇଁ ପ୍ରସ୍ତୁତି ଏବଂ ୨୦୨୭ ମସିହାରେ ସହିଦନଗର ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ଉପରେ ସଭ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସଭାରେ ଚଳିତ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ ସହ ବିଗତ ବର୍ଷର ପୂରାତନ କମିଟିକୁ ଭଙ୍ଗ କରାଯାଇଥିଲା। ଏହି ଅବସରରେ କର୍ମଚାରୀ ମନୋନୟନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ମନୋରଞ୍ଜନ ଦାସ, ସୁରେଶ କୁମାର ଦାସ, ହେମନ୍ତ କୁମାର ପରିଡ଼ା, ଚନ୍ଦନ କୁମାର ପାଲିତ, ସୁଧିର କୁମାର ଶତପଥୀ, ଦିଲ୍ଲିପ କୁମାର ଦାସ ମନୋନିତ ହୋଇଥିଲା ବେଳେ ସଭାପତି ଭାବେ ବିଶ୍ୱ ପ୍ରସାଦ ମହାନ୍ତି ମନୋନୀତ ହୋଇଥିଲେ। ସେହିଭଳି ଉପ-ସଭାପତି ଭାବେ ଅଚ୍ୟୁତ ପ୍ରସାଦ ବେହେରା, ଆଶିଷ ମହାପାତ୍ର, ରାଜକିଶୋର ଦାସ, ବିଭୁଦତ୍ତ ଦାସ ମନୋନିତ ହୋଇଛନ୍ତି। ସାଧାରଣ ସମ୍ପାଦକ ଭାବେ ହରିସ ପ୍ରସାଦ ରଥ, ଯୁଗ୍ମ ସମ୍ପାଦକ ଭାବେ ସ୍ମୃତିରଞ୍ଜନ ଜେନା, ଗୋପାଳକୃଷ୍ଣ ମହାନ୍ତି, ରଞ୍ଜନ ମହାପାତ୍ର, ଦୀପଙ୍କର ମହାପାତ୍ର, ସୀତାକାନ୍ତ ମହାପାତ୍ର ଓ ଲଳିତ କୁମାର ଖୁଣ୍ଟିଆ ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର କୁମାର ତ୍ରିପାଠୀ ଓ ସୁଦର୍ଶନ ସାହୁ ମନୋନୀତ ହୋଇଛନ୍ତି। ପ୍ରଥମ ଥର ପାଇଁ ସଚିନନ୍ଦନ ନାୟକ ଏବଂ ସରୋଜ କୁମାର ପାତ୍ରଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୟନ କରାଯାଇଛି। ଏହି ମନୋନୟନ ପ୍ରକ୍ରିୟାକୁ ସମିତିର ଉପଦେଷ୍ଟା ଚନ୍ଦନ କୁମାର ପାଲିତ ପରିଚାଳନା କରିଥିଲେ। ସର୍ବଶେଷରେ ସମିତିର ପୂର୍ବତନ ସଭାପତି ତଥା ବର୍ତ୍ତମାନର ବରିଷ୍ଠ ଉପଦେଷ୍ଟା ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପାହାଲଠାରେ ଅତ୍ୟାଧୁନିକ ସାମୂହିକ ଶୌଚାଳୟ ଉଦ୍‌ଘାଟିତ



ଭୁବନେଶ୍ୱର, ୧୯ ।୨(ସମିସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପାହାଲଠାରେ ଏକ ୫ ସିଟ୍ ବିଶିଷ୍ଟ ଶୌଚାଳୟ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିପ୍ଳବ କୁମାର କିଷାନ, ଉତ୍ତର ଜୋନାଲ କମିସନର ମନ୍ମଥ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

ପାହାଳ ରସଗୋଲା ବଜାରରେ ଦୈନିକ ହଜାର ହଜାର ଲୋକଙ୍କର ସମାଗମ ହେଉଛି। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ୪ ନମ୍ବର ୱାର୍ଡ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଶୌଚାଳୟ ନିର୍ମାଣ କରାଯାଇଛି। ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ଉପଲବ୍ଧ ରହିଥିବା ବେଳେ ନାପକିନ୍ ଭେଣ୍ଡିଂ ମେସିନ୍, ନାପକିନକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିବା ପାଇଁ ଇନସିନେଟର, ହାତକୁ ସୁଖାଇବା ପାଇଁ ହ୍ୟାଣ୍ଡ ଡ୍ରାଏର ଇତ୍ୟାଦି ରହିଛି। ସେହିପରି ଏହା ଜେଣ୍ଡର ନ୍ୟୁଟ୍ରାଲ ଓ ୟୁନିଭରସାଲ ଆକ୍‌ସେସ ପାଇଖାନା ବା ତୃତୀୟ ଲିଙ୍ଗୀ ବ୍ୟକ୍ତିମାନେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ଏହାସହ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ରାମ୍ପର ବ୍ୟବସ୍ଥା କରାଯାଇଛି। ତେଣୁ ଏହା ସମସ୍ତଙ୍କ ପାଇଁ ଉପଯୋଗୀ ହେବ ବୋଲି ମେୟର ଶ୍ରୀମତୀ ଦାସ କହିଛନ୍ତି।

## ସ୍ୱର୍ଣ୍ଣ ତ୍ରିଭୁଜର ବୌଦ୍ଧ ଐତିହ୍ୟ ଉପରେ ଆଲୋଚନା



ଭୁବନେଶ୍ୱର, ୧୯ ।୨(ସମିସ): ଓଡ଼ିଶାର ପ୍ରସିଦ୍ଧ ବୌଦ୍ଧସ୍ଥଳ ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ନେଇ ଗଠିତ 'ସ୍ୱର୍ଣ୍ଣ ତ୍ରିଭୁଜ'ର ଖନନ ଐତିହ୍ୟ ଓ ତାହାର ଆନ୍ତର୍ଜାତିକ ଗୁରୁତ୍ୱ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ଭୁବନେଶ୍ୱର ସର୍କଲର ପୂର୍ବତନ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡ଼. ଜୀବନ କୁମାର ପଟ୍ଟନାୟକ ଲଳିତଗିରିରୁ ମିଳିଥିବା ଦୁର୍ଲଭ ଅବଶେଷ କାସ୍କେଟ୍, ଉଦୟଗିରିର ମଣ୍ଡଳ ସ୍ତୂପ ଓ ରତ୍ନଗିରିର ବିଶାଳ ମହାବିହାର ସମ୍ପର୍କରେ ତଥ୍ୟ ରଖିଥିଲେ। ତତ୍‌ସହିତ ଶ୍ରୀ ପଟ୍ଟନାୟକ କହିଥିଲେ, ଏହି ତିନି ସ୍ଥଳ ଓଡ଼ିଶାରେ ବୌଦ୍ଧ ଧର୍ମର ଉନ୍ନତି ଓ ସମୁଦ୍ର ବାଣିଜ୍ୟ ମାଧ୍ୟମରେ ଦକ୍ଷିଣପୂର୍ବ ଏସିଆ ସହ ସାଂସ୍କୃତିକ ସମ୍ପର୍କର ସ୍ପଷ୍ଟ ପ୍ରମାଣ ଦେଇଥାଏ। ଲଳିତଗିରିରୁ ମିଳିଥିବା ସୁନାରୁପା କାସ୍କେଟ୍‌ରେ ସଂରକ୍ଷିତ ଅବଶେଷକୁ ଓଡ଼ିଶାର ସବୁଠାରୁ ପ୍ରାଚୀନ ବୌଦ୍ଧ ଆବିଷ୍କାର ମଧ୍ୟରୁ ଗଣାଯାଏ। ସେହିପରି ରତ୍ନଗିରିର 'ରାଣୀପୋଖରୀ' ଖନନ ପରେ ବୃହତ୍ତର ମହାବିହାରର ରୂପ ନେଇଥିବା ବିଷୟ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ। ସ୍ୱର୍ଣ୍ଣ ତ୍ରିଭୁଜକୁ ନେଇ ଅଧିକ ଗବେଷଣା ଓ ସୁରକ୍ଷା ପଦକ୍ଷେପ ଆବଶ୍ୟକ ବୋଲି ଏହି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା।

## କୃଷି ଓ ସହଯୋଗୀ କ୍ଷେତ୍ରରେ ଶାରୀରିକ ଚାପ ହ୍ରାସ ଉପରେ କର୍ମଶାଳା



ଭୁବନେଶ୍ୱର, ୧୯ ।୨(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କୃଷି ଓ ସହଯୋଗୀ କ୍ଷେତ୍ରରେ ଶାରୀରିକ ଚାପ ହ୍ରାସ ଓ ସୁରକ୍ଷା ସଂକ୍ରାନ୍ତ ଅଖିଳ ଭାରତ ସମନ୍ୱିତ ଗବେଷଣା ପ୍ରକଳ୍ପର ଆୟୋଜିତ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଆୟୁକ୍ତ ତଥା ସଚିବ ମୃଣାଳିନୀ ଦର୍ଶୱାଲ ଯୋଗଦେଇ ବିଗତ ବର୍ଷମାନଙ୍କରେ ମହିଳା ଚାଷୀଙ୍କ ପାଇଁ ସୁବିଧାଦାୟକ ଯନ୍ତ୍ରପାତି ଉଦ୍ଭାବନ ଫଳରେ ବର୍ତ୍ତମାନ ଅନେକ ମହିଳା ନିଜ ଜମିରେ ଅଧିକ ଉତ୍ପାଦନ କରିପାରୁଛନ୍ତି ଓ ସ୍ୱଳ୍ପ ସମୟରେ ସ୍ୱଳ୍ପ ଶାରୀରିକ ପରିଶ୍ରମ ଦ୍ୱାରା ସବୁଜ ଫସଲ ଉତ୍ପାଦନ ମହିଳାଙ୍କୁ ଆର୍ଥିକ ସ୍ତରରେ ସୁଦୃଢ଼ ଓ ସଶକ୍ତ କରିପାରୁଛି ଓ ଯାହାକି ଦେଶର ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କୃଷି କାର୍ଯ୍ୟରେ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀର କୃଷି ଯାନ୍ତ୍ରିକୀ ବିଜ୍ଞାନର ଡିଡିଜି ଡ. ଏସ୍ ଏନ୍ ଝା, କୃଷି ଅନୁସନ୍ଧାନ ପରିଷଦ ଭୋପାଳର ନିର୍ଦ୍ଦେଶକ ଡ. ସି ଆର ମେହେତା, ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀର କୃଷି ଅଭିଯାନ୍ତ୍ରିକୀର ଏଡିଜି ଡ. କେ ପି ସିଂ ପ୍ରମୁଖ ପାରମ୍ପରିକ ବୈଷୟିକ ପଦ୍ଧତିରେ ଉନ୍ନତିକରଣ ପାଇଁ ଯାନ୍ତ୍ରିକ ଅଭିବୃଦ୍ଧିର ବ୍ୟବହାର ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅଖିଳ ଭାରତ ସମନ୍ୱିତ ଗବେଷଣା ପ୍ରକଳ୍ପର ପିସି ଡ. ସୁଖବିର ସିଂ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିବା ବେଳେ ଚାଷୀଙ୍କ ସହାୟତା ପାଇଁ କେତେକ ପ୍ରକାଶନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଓୟୁଏଟିର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଓ ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

## ସଂଗ୍ରାମୀ ଗୌରାଙ୍ଗ ଚରଣ ଓ ସଂଗ୍ରାମୀ ଶଶୀଭୂଷଣଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୯ ।୨(ସମିସ): ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ମହାନ ସଂଗ୍ରାମୀ, ଚାଷୀ ମୂଲିଆଙ୍କ ବନ୍ଧୁ ବିପ୍ଳବୀ ଗୌରଙ୍ଗ ଚରଣ ଦାସଙ୍କ ୫୪ତମ ଓ ସଂଗ୍ରାମୀ ଗୌରଙ୍ଗ ଚରଣଙ୍କ ସୁପୁତ୍ର ସଂଗ୍ରାମୀ ଶଶୀଭୂଷଣ ଦାସଙ୍କ ୧୫ ତମ ଶ୍ରଦ୍ଧାଞ୍ଜଳି ସଭା ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ନ୍ୟାସ ପକ୍ଷରୁ ସଭାପତି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ଉଦ୍‌ଘାଟନ କରି ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶାର ଛାତ୍ର ସମାଜକୁ ଏହିଭଳି ମହାନ ସଂଗ୍ରାମୀମାନଙ୍କ ଜୀବନୀ ପଢ଼ା ଯିବାର ଆବଶ୍ୟକତା ରହିଛି ବୋଲି ସ୍ୱାମୀଜି କହିଥିଲେ। ଏହି ଅବସରରେ ସାମ୍ବାଦିକ ତଥା ସମାଜସେବୀ ଅରବିନ୍ଦ ତ୍ରିପାଠୀଙ୍କୁ 'ସଂଗ୍ରାମୀ ଗୌରାଙ୍ଗ ଚରଣ ଓ ସଂଗ୍ରାମୀ ଶଶୀଭୂଷଣ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ପ୍ରଗତିବାଦୀର କାର୍ଯ୍ୟକାରୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ପୂର୍ବତନ ପ୍ରଶାସକ ଭାରତ ଭୂଷଣ ଜଗଦ୍ଦେବ, ସହଦେବ ଜୟସିଂହ, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ତଥା ସ୍ତମ୍ଭକାର ତୁଷାରକାନ୍ତ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ଟ୍ରଷ୍ଟି ପୁଷ୍ପରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ଯାଁଲା, ୧୯।୨(ସମିସ): ଭୁବନେଶ୍ୱର ଉପକଣ୍ଠ ତୃତୀୟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କିଶୋର ସୁନ୍ଦରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି, ବିଶିଷ୍ଟ ଅତିଥି ଭାବେ ସଂସ୍କୃତି ସଂଗଠନ ପ୍ରଚାରକ ଡଃ ଜଗନ୍ନାଥ ଖିଲାର, ସମ୍ମାନିତ ଅତିଥି ଭାବେ ସୁଧୀର ଚନ୍ଦ୍ର ଜେନା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ସୁନ୍ଦରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମାଧବ ଚନ୍ଦ୍ର ମଙ୍ଗରାଜ ଓ ଭାରତୀ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଏଥି ସହିତ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପଞ୍ଚପୀଠ ପରିକ୍ରମା କଲେ ପରମହଂସ ପ୍ରଜ୍ଞାନାନନ୍ଦ



ବାଲିପାଟଣା, ୧୯।୨(ସମିସ): ପ୍ରଜ୍ଞାନ ମିଶନ ତରଫରୁ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ ନେମାଳସ୍ଥିତ ଅଚ୍ୟୁତଙ୍କ ପୀଠରୁ ଆରମ୍ଭ କରିଥିବା ଯାତ୍ରା ଅଡ଼ଙ୍ଗର ଯଶୋବନ୍ତଙ୍କ ପୀଠ ପରେ ମଧ୍ୟାହ୍ନରେ ବାଲିପାଟଣା ଶିଶୁ ଅନନ୍ତଙ୍କ ପୀଠରେ ପହଞ୍ଚିଥିଲେ। ଏଠାରେ ବାବା ଏକ ଧର୍ମ ସଭାରେ ଆଶୀର୍ବଚନ ପ୍ରଦାନ କରିଥିଲେ। ପରିକ୍ରମା ଯାତ୍ରାରେ ବ୍ରହ୍ମ ଜ୍ଞାନାନନ୍ଦ ଗିରି, ବିଜ୍ଞାନାନନ୍ଦ୍ ଗିରି, ନିତ୍ୟ ପ୍ରେମାନନ୍ଦ ଗିରି, ନିର୍ମଳାନନ୍ଦ ଗିରି, ସମ୍ପୂର୍ଣ୍ଣାନନ୍ଦ ଗିରି, ହେମନ୍ତ ପରିଡ଼ା, ଶିଶିର ଦାସ, ଶ୍ରୀକାନ୍ତ ଦାଶ ପ୍ରମୁଖଙ୍କ ସହିତ ବହୁ ସାଧୁ ସନ୍ଥ, ବିଦେଶୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସାତଶହରୁ ଅଧିକ ଭକ୍ତ ସାମିଲ ଥିଲେ। ପ୍ରସାଦ ସେବନ ପରେ ବେଗୁନିଆସ୍ଥିତ ବଳରାମଙ୍କ ପୀଠକୁ ସମସ୍ତେ ଯାତ୍ରା କରିଥିଲେ। ବାଲିପାଟଣା ଠାରେ ପରିକ୍ରମା ସମିତି ପକ୍ଷରୁ ଦିଲ୍ଲୀପ କୁମାର ଓଝା, ବିନୋଦ ସାହୁ, ବିଭୂତି ଭୂଷଣ ମର୍ଦ୍ଦରାଜ ରାୟ, ଅଶୋକ ରାଉତରାୟ, ବିକାଶ ଓଝା, ଦେବବ୍ରତ ଓଝା ପ୍ରମୁଖ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ସଫଳତାରେ ଶିଶୁ ଅନନ୍ତ ସ୍ମୃତି ସଂସଦର ସଭାପତି ଅଭିମନ୍ୟୁ ନାୟକ, ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ସତ୍ୟ ସାଇ ସଂଗଠନର ଆବାହକ ପ୍ରସନ୍ନ ନନ୍ଦ ଓ ସଭ୍ୟ ବୃନ୍ଦ, ଓଡ଼ିଶା ଗ୍ରିନ ଫୋର୍ସ ଟ୍ରଷ୍ଟର ସଭାପତି ସହଦେବ ମଲ୍ଲିକ ଓ ସଭ୍ୟ ବୃନ୍ଦ, କୃଷ୍ଣଚନ୍ଦ୍ର ଓଝା, ମାନସ ନାୟକ, ବିଶ୍ୱଜିତ୍ ନାୟକ, ଶୁଭମ୍ ସାହୁ, ଜଗନ୍ନାଥ ପୃଷ୍ଟି, ଦେବିପ୍ରସାଦ ଭୋଳ ପ୍ରମୁଖ ସହଯୋଗ କରିଥିଲେ।

### ତୋଷାଳୀ ସ୍ୱଦେଶୀ ମେଳା

# ଆକର୍ଷଣରେ କାଠ କାରିଗରୀ, ଚାହିଦାରେ ଗଣେଶ ମୂର୍ତ୍ତି




ଭୁବନେଶ୍ୱର, ୧୯ ।୨(ସମିସ): କାଠରେ ନିର୍ମିତ ହୋଇଛି ଶଗଡ଼ ଠାରୁ ଆରମ୍ଭ କରି ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଅବିକଳ ଚିତ୍ର। କେବଳ ସେତିକି ନୁହେଁ ଗଣେଶ, ସରସ୍ୱତୀ, ଲକ୍ଷ୍ମୀ ନାରାୟଣ, ହନୁମାନଙ୍କ ପ୍ରତିମୂର୍ତ୍ତି। କାଠ ଖୋଦେଇରେ ନିର୍ମିତ ହୋଇଥିବା ଏହି ନିଖୁଣ କାରିଗରୀକୁ ଦେଖି ଆଖି ଲାଖି ଯାଉଛି। ପରିଦର୍ଶକମାନେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ଏହି ସୁନ୍ଦର କଳାକୃତିକୁ ଦେଖୁଛନ୍ତି। ଦେଖିଛନ୍ତି। ଏଭଳି ନିଆରା କରିଗରୀ ଦେଖିବାକୁ ମିଳିଛି ତୋଷାଳୀ ସ୍ୱଦେଶୀ ମେଳାରେ। ଜନତା ମଇଦାନରେ ଅନୁଷ୍ଠିତ ହେଉଥିବା ଏହି ମେଳାରେ କଳାହାଣ୍ଡି ଜିଲ୍ଲାର ଦେବବ୍ରତ ମହାରଣାଙ୍କ ଦ୍ୱାରା ନିର୍ମିତ ଏହି କାଠ କାରିଗରୀ ମେଳାର ମୁଖ୍ୟ ଆକର୍ଷଣ ପାଲଟିଛି। ତେବେ ଏଠାରେ ସବୁଠାରୁ ଆକର୍ଷଣୀୟ ହୋଇଛି କାଠରେ ନିର୍ମିତ ଗଣେଶଙ୍କ ମୂର୍ତ୍ତି। ୩ଫୁଟ ଉଚ୍ଚତାର ଏହି ମୂର୍ତ୍ତିର ଦାମ୍ ୧୮୦ଜାର ଟଙ୍କା ରହିଥିବା ବେଳେ ଏହାକୁ ନିର୍ମାଣ କରିବାକୁ ୧୫ଦିନ ସମୟ ଲାଗିଥିବା ସେ କହିଛନ୍ତି। ଦେବବ୍ରତଙ୍କ ଜେଜେ, ବାପା, କାରିଗର ହୋଇଥିବାରୁ କୂଳ ବେଉସାକୁ ଆପଣେଇ ନେଇଛନ୍ତି ଦେବବ୍ରତ। ବାପାଙ୍କ କାମରୁ ବଳକା କାଠ ଗୁଡ଼ିକ ନେଇ ପିଲାଦିନରୁ ଅରୁଣ ତାଙ୍କ ହାତ ସ୍ପର୍ଶରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଧୀରେ ଧୀରେ ତାଙ୍କର ଇଚ୍ଛାଶକ୍ତି ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସେହିପରି କାଠରେ ଗୋ-ମାତା, ଟ୍ରୀ ହାଉସ୍, ସ୍କୁଟର ସମେତ ପେନଷ୍ଟାଣ୍ଡ ରହିଛି। ଘର ସଜାଇବାକୁ ବୁଦ୍ଧ, ଲାଫିଙ୍ଗ ବୁଦ୍ଧ, ଘୋଡ଼ା ଆଦି ବିଭିନ୍ନ ଆକୃତିର ଆକର୍ଷଣୀୟ ସୋ ପିସ୍ ଗୁଡ଼ିକ ରହିଛି। ତେବେ କାଠରେ ନିର୍ମିତ ଗଣେଶ ମୂର୍ତ୍ତିକୁ ଅଧିକ ଗ୍ରାହକମାନେ କିଣୁଥିବା ଦେଖିବାକୁ ମିଳିଛି। ଘରେ ବିଘ୍ନବିନାଶକଙ୍କ ମୂର୍ତ୍ତି ରଖିଲେ ସବୁ କାର୍ଯ୍ୟ ଶୁଭ ହୋଇଥାଏ। ବିଶେଷ କରି ଘରର ପ୍ରବେଶ ପଥରେ ଗଣେଶଙ୍କ ମୂର୍ତ୍ତି ରଖାଯାଉଥିବାରୁ ଲୋକାମନେ ଘରେ, ହେଉ ଅବା ଅଫିସ୍ କିମ୍ବା ଦୋକାନ ଗୁଡ଼ିକରେ ରଖିବାକୁ ୨ଇଞ୍ଚ ଉଚ୍ଚତାରୁ ୩ଫୁଟ ଉଚ୍ଚତା ଯାଏ ଗଣେଶ ମୂର୍ତ୍ତି କିଣୁଥିବା ବ୍ୟବସାୟୀ କହିଛନ୍ତି। ଏହି ସବୁ ସମାଗ୍ରୀ ଶାଗୁଆନ କାଠରୁ ନିର୍ମିତ ହୋଇଥିବାରୁ ଏହା ଅନେକ ବର୍ଷ ଯାଏ ରହିବ ବୋଲି ଗ୍ରାହକମାନେ ଏହାକୁ ପସନ୍ଦ କରୁଥିବା ଦେବବ୍ରତ କହିଛନ୍ତି। ତେବେ ଏହାର ଦାମ୍ ୧ଟଙ୍କାରୁ ଆରମ୍ଭ ହୋଇ ୨୦ ହଜାର ଟଙ୍କା ଯାଏ ରହିଛି।



# ବିଏମ୍‌ସି ହସ୍ପିଟାଲରେ ମିଳୁନି କାଶ ଔଷଧ

ଭୁବନେଶ୍ୱର, ୧୯।୨(ସମିସ): ଦିନକୁ ଦିନ ବଢ଼ିବାରେ ଲାଗିଛି ବିଏମ୍‌ସି ହସ୍ପିଟାଲର ସମସ୍ୟା। ବର୍ତ୍ତମାନ ଚାରିଆଡ଼େ ଥଣ୍ଡା ଜ୍ୱର ଲାଗି ରହିଥିବା ବେଳେ କାଶ ମଧ୍ୟ କମୁନି। ପିଲାଠାରୁ ବୟସ୍କ ଯାଏ ସମସ୍ତଙ୍କ ଠାରେ ଏହି ଲକ୍ଷଣ ଦେଖିବାକୁ ମିଳୁଛି। ବିଶେଷକରି କାଶ କମୁ ନ ଥିବା ବେଳେ କାଶ ଔଷଧ ପାଇଁ ଯାଇ ଫେରୁଛନ୍ତି ରୋଗୀ। ପୁରୁଣା ଭୁବନେଶ୍ୱରରେ ରହିଥିବା ବିଏମସି ହସ୍ପିଟାଲରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ତେବେ ଏତିକିରେ ସମସ୍ୟା ଶେଷ ହୋଇନାହିଁ, ବର୍ତ୍ତମାନ ଏଠାରେ ସକାଳ

- ଜଣେ ଡାକ୍ତର ସାଜିଛନ୍ତି ଭରସା
- ଦୁର୍ବ୍ୟବହାରକାରୀଙ୍କୁ ସୁରକ୍ଷା, ବଢୁଛି ଅଭିଯୋଗ ଫର୍ଦ୍ଦ

୯ଟାରୁ ୧୨ଟା ମାତ୍ର ୩ ଘଣ୍ଟା ସେବା ମିଳୁଥିବା ବେଳେ ଏହାପରେ ସବୁ ବନ୍ଦ। ଜଣେ ମାତ୍ର ଡାକ୍ତର ୨୪ ଘଣ୍ଟିଆ ଆଉଟ୍‌ଡୋରରେ ଡ୍ୟୁଟି କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ରାଜଧାନୀର ବହୁ ପୁରାତନ ଏହି ହସ୍ପିଟାଲକୁ ଆଖପାଖ ୧୦ଟି ନିର୍ବାଚନମଣ୍ଡଳୀ ଲୋକେ ଚିକିତ୍ସା ପାଇଁ ଭରସା କରୁଥିବା ବେଳେ ଏହା ଉନ୍ନତି ପରିବର୍ତ୍ତେ ଅବନ୍ନତି ଆଡ଼କୁ ଯାଉଛି। ବର୍ତ୍ତମାନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ମଧ୍ୟ ଆହୁରି ଖରାପ ଅବସ୍ଥା ହୋଇଥିବା କୁହାଯାଇଛି। ସେହିପରି ହସ୍ପିଟାଲର ବହୁ କର୍ମଚାରୀ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଗତ ଜାନୁଆରୀ ୨୫ ତାରିଖରେ ହସ୍ପିଟାଲକୁ ମେଡିସିନ୍ ଆଣିବାକୁ ଯାଇଥିବା ଜଣେ ରୋଗୀଙ୍କୁ ଔଷଧ ବିତରଣ କେନ୍ଦ୍ରରେ ଥିବା କର୍ମଚାରୀ (ଫାର୍ମସିଷ୍ଟ) ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ।




ଏନେଇ ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିବା ବେଳେ ସେ କାରଣ ଦର୍ଶାଅ ନୋଟିସ୍ ଜାରୀ କରିଛନ୍ତି। ଏହା ମଧ୍ୟରେ ୩ସପ୍ତାହ ବିତିଯାଇଥିଲେ ହେଁ କିଛି ପଦକ୍ଷେପ ନିଆଯାଇ ପାରିନାହିଁ ବୋଲି ସେବା ପ୍ରତିନିଧି ମୁଖ୍ୟ ନିଳମଣି ମିଶ୍ର ଅଭିଯୋଗ କରିଛନ୍ତି। ରାଜଧାନୀର ସର୍ବପୁରାତନ ବିଏମ୍‌ସି ହସ୍ପିଟାଲର ଅବସ୍ଥା ଏପରି ବ୍ୟବହାର ସାଧାରଣରେ ଅତିଷ୍ଠ କରିଥିବା ବେଳେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିକିତ୍ସାଳୟ ସୁରକ୍ଷା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ସେପଟେ ହସ୍ପିଟାଲରେ କଫ୍ ସିରପ ମିଳୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଗରିବ ଶ୍ରେଣୀର ରୋଗୀ ବିଭିନ୍ନ ସମସ୍ୟା ଭୋଗିବା ସହ ଏଠାରେ ମାଗଣାରେ ଆମ୍ବୁଲାନ୍ସ ସେବା ଯୋଗାଉଥିବା ବେଳେ ଲୋକଙ୍କ ଠାରୁ ଟଙ୍କା ନିଆଯାଉଥିବା ସେ କହିଛନ୍ତି।ହସ୍ପିଟାଲକୁ ରାଜ୍ୟ ସରକାରଙ୍କ (ଏନ୍‌ୟୁଏଚ୍‌ଏମ୍) ନ୍ୟାସନାଲ ଅର୍ବାନ ହେଲ୍‌ଥ ମିଶନ୍ ହାତକୁ ନେଇଥିଲେ ମଧ୍ୟ ଏହାର ଅବସ୍ଥା ସୁଧରୁନାହିଁ। ହସ୍ପିଟାଲ ଏବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣିତ ହୋଇଛି। ପୂର୍ବରୁ ଚାଲୁଥିବା ଏଣ୍ଡୋସ୍କୋପି ୮ବର୍ଷ ହେବ ବନ୍ଦ ପଡ଼ିବା ସହ ହସ୍ପିଟାଲ ଏବେ ରେଫର କେନ୍ଦ୍ର ପାଲଟିଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏନେଇ ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ଡ. ସିଦ୍ଧାର୍ଥ ରାୟଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇନାହାନ୍ତି।

# ମଞ୍ଚେଶ୍ୱର କପଡ଼ା କାରଖାନାରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧୯।୨(ସମିସ): ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଆଦିତ୍ୟ ବିର୍ଲା କମ୍ପାନୀର କପଡ଼ା କାରଖାନାରେ ଅଗ୍ନିକାଣ୍ଡ ଘଟିଛି। ସୋଲାର ପ୍ୟାନେଲରେ ସର୍ଟସର୍କିଟ ଯୋଗୁଁ ଗୁରୁବାର କାରଖାନାର ଏକ ବିଲ୍ଡିଂର ସିଲିଂରେ ନିଆଁ ଲାଗି ଯାଇଥିଲା। ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସତର୍କତା ଏବଂ ପ୍ରଶିକ୍ଷଣ ଯୋଗୁଁ ନିଆଁ ଆୟତ୍ତରେ ରହିଥିଲା। ଫଳରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଟଳିଯାଇଥିଲା।



ପୂର୍ବାହ୍ଣ ସୁଦ୍ଧା ନିଆଁ ଲାଗିବା ସହ ଛାତ ଉପରୁ ଧୂଆଁ ବାରିଥିବାର କାରଖାନାରେ କାର୍ଯ୍ୟରତ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହାପରେ କାରଖାନାକୁ ତୁରନ୍ତ ହାଇଆଲର୍ଟରେ ରଖାଗଲା। କାରଖାନାରେ ପୂର୍ବରୁ ଅଗ୍ନିକାଣ୍ଡ ରୋକିବାକୁ ପ୍ରଶିକ୍ଷଣ ପାଇଥିବା କର୍ମଚାରରମାନେ ସେମାନଙ୍କ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ନିଆଁକୁ ଆୟତରେ ରଖିଥିଲେ। ଏହାସହ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦିଆଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀର୩ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଞ୍ଚିଥିଲା। କପଡ଼ା ଏକ ସମ୍ବେଦନଶୀଳ କାରଖାନା ଏହା ସହ ଏଠାରେ ଦୈନିକ ହଜାର ହଜାର ସଂଖ୍ୟାରେ କାର୍ମଚାରୀ କାମ କରୁଛନ୍ତି। ଏଣୁ ଗୋଦାମକୁ ଯାଞ୍ଚ ଗୋଦାମ ଠାରୁ ଆରମ୍ଭ କରି କାରଖାନାର କୋଣ ଅନୁକୋଣରେ ନିଆଁ ରହିଛି କି ନାହିଁ ଯାଞ୍ଚ କରାଯାଇଥିଲା। ସବୁକିଛି ଠିକ୍ ଥିବା ଜଣାପଡ଼ିବା ପରେ କାରଖାନାରେ ପୂର୍ବଭଳି କାମ ଚାଲିଥିଲା।

## ଆଜିର କାର୍ଯ୍ୟକ୍ରମ

ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ୍ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର। ସ୍ଥାନ-ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ। ପୁରୁଣା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର। ସମୟ-ସନ୍ଧ୍ୟା ୬ଟା

# ପଲାଶୁଣି-ହଂସପାଳ ରାସ୍ତା ହେବ ୬ ଲେନ୍

ଭୁବନେଶ୍ୱର, ୧୯।୨(ସମିସ): ପଲାଶୁଣି ରାସ୍ତାରେ ଭିଡ଼ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ପଲାଶୁଣିରୁ ରସୁଲଗଡ଼ ସ୍କାଏୱାକ୍ ନିର୍ମାଣ ନେଇ ଯୋଜନା କରାଯାଉଛି। କେବଳ ସ୍କାଏୱାକ୍ ନୁହେଁ ପଲାଶୁଣି-ହଂସପାଳ ଯାଏଁ ଏନଏଚ୍ ୧୬ ଅଧୀନରେ ଆସୁଥିବା ଉକ୍ତ ଜାତୀୟ ରାଜପଥକୁ ୬ ଲେନ୍ କରାଯିବା ପାଇଁ ଯୋଜନା ରହିଛି। ଭୁବନେଶ୍ୱର ପାଳାସୁଣି ନିକଟାରୁ ଯେଉଁ ୪ ଲେନ୍ ରାସ୍ତା ରହିଛି, ଏହାକୁ ୬ ଲେନ୍ କରାଯିବ। ଏଥିପାଇଁ ଏଠାରେ ଏକ ନୂଆ ବ୍ରିଜ ମଧ୍ୟ ନିର୍ମାଣ ହେବ। ଏବାବଦକୁ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ। ବର୍ଷେରୁ ଦେଢ଼ ବର୍ଷ ଭିତରେ ଏହି କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ରାସ୍ତାରେ ସନ୍ଧ୍ୟା ଓ ଦିନ ୯ଟାରୁ ଅସମ୍ଭାଳ ଟ୍ରାଫିକ୍ ଜାମ୍ ହେଉଛି। ଏଥିରୁ ନିସ୍ତାର ପାଇଁ ସେ ରାସ୍ତାର ଦୁଇ ପାର୍ଶ୍ୱ ତିନି ତିନି ଲେନ୍ ଲେଖାଏଁ ନିର୍ମାଣ ହେବ। ଏନ୍‌ଏଚଏଆଇ ଓଡ଼ିଶା ମୁଖ୍ୟ ଏହି ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁଯାୟୀ କିଛି ଦିନ ତଳୁ ସେଥିପାଇଁ କାମ ଆରମ୍ଭ ହୋଇ ସାରିଛି। ଯେଉଁଥିପାଇଁ ବେଳେବେଳେ ୱାନ ୱେ ଟ୍ରାଫିକ୍ ଆପଣାଇବାକୁ ପଡୁଛି। ତେବେ ରାସ୍ତା ଚଉଡ଼ା ହୋଇଗଲେ ଆଉ ସେ ସମସ୍ୟା ରହିବନି ବୋଲି ଆଶା କରାଯାଉଛି।

# ପିପିପି ମୋଡ଼ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଦାବିରେ ଧାରଣା



ଭୁବନେଶ୍ୱର, ୧୯।୨(ସମିସ): ଯାଜପୁର ଜିଲ୍ଲା ପାଣିକୋଇଲିରେ ୧୦୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଟ୍ରମା କେୟାର ଫେଶିଲିଟି ହସ୍ପିଟାଲରୁ ପିପିପି ମୋଡ ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ଦାବିରେ ଯାଜପୁର ୟୁଥ୍ ଫୋରମ୍ ପକ୍ଷରୁ ବିଧାନସଭା ଆଗରେ ଧାରଣା ଦିଆଯାଇଥିଲା। ଏଥିସହିତ ହସ୍ପିଟାଲକୁ ସବ୍‌ଡିଭିଜିନାଲ୍ ହସ୍ପିଟାଲ୍ ଘୋଷଣା କରିବା ନିମନ୍ତେ ଆଜି ଯାଜପୁର ୟୁଥ୍ ଫୋରମ୍‌ର ସଭାପତି ଯୁବ ନେତା ରାକେଶ ସାହୁଙ୍କ ନେତୃତ୍ୱରେ ଶତାଧିକ ଯୁବକ ବିଧାନସଭା ସମ୍ମୁଖରେ ଧାରଣାରେ ସାମିଲ ହୋଇ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରିଥିଲେ। ଆଗାମୀ ଦିନରେ ଏହି ନିଷ୍ପତ୍ତିର ପୁନର୍ବିଚାର ନ ହେଲେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ବିଧାୟକ ଅଶୋକ ଦାସ, ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ରାମଚନ୍ଦ୍ର ଖୁଣ୍ଟିଆ ସମର୍ଥନ କରି ଯୋଗ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ ରଥ, ଅକ୍ଷୟ ଜେନା, ନାରାୟଣ ବେହେରା, ରବୀନ୍ଦ୍ର ଘଡ଼େଇ, ସୁଶାନ୍ତ ବେହେରା, ଶ୍ରୀକାନ୍ତ ପରିଡ଼ା, ରୁଦ୍ର ବେହେରା, ସୁଶାନ୍ତ ବେହେରା, ରଞ୍ଜିତ ପ୍ରଧାନ, ସୁନିଲ ପାଲ, ପ୍ରଫୁଲ୍ଲ ପାଢ଼ୀ, ମାଧବ ସିଂ ସାମିଲ ହୋଇଥିଲେ।

# ଥାନାରେ ଲୁଟ୍ ଅଭିଯୋଗ କରିବାରୁ ମହିଳାଙ୍କୁ ଆକ୍ରମଣ; ଜଣେ ଅଟକ

ଭୁବନେଶ୍ୱର, ୧୯।୨(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସହିଦନଗର ଥାନା ଅନ୍ତର୍ଗତ ସତସଙ୍ଗ ବିହାର ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ମହିଳା ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ କଣ ପାଇଁ ଥାନାରେ ଅଭିଯୋଗ କଲେ ସେଥିପାଇଁ ଆକ୍ରମଣ ହୋଇଛି ବୋଲି ମହିଳା ସ୍ଥାନୀୟ ଲୋକଙ୍କୁ ମହିଳା କହିଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ବଳିଆପାଟ ବସ୍ତିରେ ବାସିନ୍ଦା ମହିଳା କନକଲତା ସାହୁ। ସେ ସତସଙ୍ଗ ବିହାର ଛକରେ ଦୋକାନ ମକା ବ୍ୟବସାୟ କରନ୍ତି। ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତୀ କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କୁ କଟୁରୀ ଚୋଟ ଦେଇ ଫେରାର୍ ହୋଇଯାଇଥିଲା। ପରେ ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖିଛି ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ସମ୍ପୃକ୍ତ ଯୁବକ ଜଣଙ୍କ ନାମ ଜଗନ୍ନାଥ ଓରଫ ଜଗା। ସେ ବୁଧବାର ମହିଳାଙ୍କ ମକା ଦୋକାନକୁ ଆସିଥିଲା। ସେହି ସମୟରେ କନକଲତାଙ୍କ ପୁଅ ଦୋକାନରେ ବସିଥିଲେ। କଟୁରୀ ଏବଂ ମାରଣାଅସ୍ତ୍ର ଦେଖାଇ ପୁଅକୁ ବଟି ମାଗିଥିଲେ। ହେଲେ ପୁଅ ଟଙ୍କା ନାହିଁ ବୋଲି ମନା କରିବାରୁ ଶେଷ ତାଙ୍କ ପାଖରେ ଥିବା ଟଙ୍କା ଏବଂ ମୋବାଇଲ୍ ଫୋନ୍ ଲୁଟ୍ କରି ଚାଲିଯାଇଥିଲା। ଏନେଇ କନକଲତା ସହିଦନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ଜଗା ଉତ୍ୟକ୍ତ ହୋଇଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ପୁଣି କଟୁରୀ ଧରି ସେ ମକା ଦୋକାନ ପାଖକୁ ଆସିଥିଲେ। ଥାନାରେ କଣ ପାଇଁ ଏତଲା ଦେଲୁ ବୋଲି ପ୍ରଶ୍ନ କରିଥିଲେ।

ଏହାପରେ ମହିଳାଙ୍କ ବେକକୁ ସିଧା କଟୁରୀ ଚୋଟ ପକାଇଥିଲେ। ମହିଳାଙ୍କ କାନ୍ଧରେ କଟୁରୀ ଚୋଟ ବାଜିଥିଲା। ଏକାଧିକ ବାର ଆକ୍ରମଣ କରିବାରୁ ମହିଳା ଜଣଙ୍କ ତଳେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ପାଟି କରିବାରୁ ଜଗା ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଜଗାକୁ ଅଟକ ରଖିଥିବା ସୂଚାନ ମିଳିଛି।

ଲୋକେ ଲୁଟ୍ ପାଟ୍ କିମ୍ବା ଆକ୍ରମଣର ଶିକାର ହେଲେ ପୁଲସ ପାଖକୁ ଯାଆନ୍ତି। ଏହି ସମୟରେ ପୁଲିସ ଅଭିଯୋଗକାରୀଙ୍କୁ ସୁରକ୍ଷା ଦେବା ସହ ଅଭିଯୁକ୍ତଙ୍କ ବିରୋଧରୋ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ। ହେଲେ ଏଠି ପୁଲିସ ପାଖକୁ ଯିବାରୁ ମହିଳା ବ୍ୟବସାୟୀ ଆକ୍ରମଣର ଶିକାର ହୋଇଛନ୍ତି। ଅଭିଯୋଗକାରୀଙ୍କୁ ଆକ୍ରମଣ ହେବା ରାଜଧାନୀର ପୁଲିସିଂ ବ୍ୟବସ୍ଥାକୁ ଏକ ବଡ଼ ଚ୍ୟାଲେଞ୍ଜ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି।

# ସାଇବର୍ ଓ ଅଗ୍ନି ସୁରକ୍ଷା ଲାଗି କ୍ୟାପିଟାଲ କପ୍ ୨୨ରେ




ଭୁବନେଶ୍ୱର, ୧୯ ।୨ (ସମିସ): ସମାଜରେ ସାଇବର ସୁରକ୍ଷା, ଡିଜିଟାଲ ଦାୟିତ୍ୱ, ସାଇବର ଅପରାଧ ପ୍ରତିରୋଧ ଏବଂ ଅଗ୍ନି ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ ଦେବା ଉଦ୍ଦେଶ୍ୟରେ ଏକ ସଚେତନତାମୂଳକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୨ ତାରିଖରେ ଅନୁଷ୍ଠିତ ହେବ। ଯାହାର ନାମ 'କ୍ୟାପିଟାଲ୍ କପ୍' ରଖାଯାଇଛି। ଏଥିରେ ଓଡ଼ିଶା ପୁଲିସ, ଓଡ଼ିଶା ଫାୟାର ବ୍ରିଗେଡ଼, କମିଶନରେଟ ପୁଲିସ, ଇଲେକ୍ଟ୍ରୋନିକ ଓ ପ୍ରିଣ୍ଟ ମିଡିଆ, ସାଇବର ଆୱାରନେସ ଭଲ୍ୟୁଣ୍ଟିର, ସେଲିବ୍ରିଟି କ୍ରିକେଟ୍ ଟିମ୍ ଓ ଓଲ୍ଡ ଟାଉନ ଲିଜେଣ୍ଡସ କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିବେ। ଓଲ୍ଡ ଟାଉନସ୍ଥିତ ବିଏମ୍ ସରକାରୀ ହାଇସ୍କୁଲ ପଡ଼ିଆରେ ମ୍ୟାଚ୍ ଆୟୋଜିତ ହେବ ବୋଲି ଆୟୋଜକ କମିଟିର ସଭାପତି ନାରାୟଣ ମହାରଣା ସୂଚନା ଦେଇଛନ୍ତି। ଏହି ଅବସରରେ ଗୁରୁବାର ଟୁର୍ଣ୍ଣାମେଣ୍ଟର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ରାଜଧାନୀରେ ୯୨ ମାଟ୍ରିକ ଡ୍ରପ୍‌ଆଉଟ୍

## ପ୍ରଥମ ଦିନ ପରୀକ୍ଷାରେ ରହିଲେ ଅନୁପସ୍ଥିତ

ଭୁବନେଶ୍ୱର, ୧୯।୨(ସମିସ): ସାରା ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା (ଓଡିଆ) ପରୀକ୍ଷା ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ପରୀକ୍ଷା ଦେଇଥିବା ପରିଲକ୍ଷିତ ହୋଇଛି। ମାତ୍ର ପରୀକ୍ଷା ସରିବା ପରେ ଶିକ୍ଷା ବ୍ୟବସ୍ଥାର ଏକ କରୁଣ ଚିତ୍ର ପ୍ରତିଫଳିତ ହୋଇଛି। କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ଖୋଦ ରାଜଧାନୀରେ ୯୨ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଛନ୍ତି ଅର୍ଥାତ୍ ମାଟ୍ରିକ୍ ଡ୍ରପ୍ ଆଉଟ୍ ହୋଇଛନ୍ତି।

ସୂଚନା ଅନୁଯାୟୀ, ଚଳିତ ବର୍ଷ ବିଏମସି ଓ ଭୁବନେଶ୍ୱର ବ୍ଲକର ମୋଟ ୧୨ ହଜାର ୩୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ପ୍ରଥମ ଦିନରେ ୧୨ ହଜାର ୨୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୨ ଜଣ ଅନୁପସ୍ଥିତ ରହିଥିବା ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ରାଜଧାନୀରେ ଏତେ ସଂଖ୍ୟକ ପିଲା ମାଟ୍ରିକ ପରୀକ୍ଷା ନ ଦେବା ଶିକ୍ଷାବିତଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। ଏସବୁ ପିଲା କାହିଁକି ଡ୍ରପ୍ ଆଉଟ୍ ହେଲେ ତାହାର କାରଣ ଖୋଜିବା ସହିତ କେତେଜଣ ଦାଦନ ଯାଇଥିବାର ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱର ବ୍ଲକ ଓ ବିଏମସିରେ ୩ଟି ନୋଡାଲ ପରୀକ୍ଷା କେନ୍ଦ୍ର କରାଯାଇଛି। ସମସ୍ତ ନୋଡାଲ ସେଣ୍ଟର ଅଧୀନରେ ୪୫ ଟି ପରୀକ୍ଷା କେନ୍ଦ୍ର ରହିଛି। ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ଥିବାବେଳେ ଛାତ୍ରଛାତ୍ରୀମାନେ ଆଶାଜନକ ପ୍ରଦର୍ଶନ କରିଛନ୍ତି। ପ୍ରଶ୍ନପତ୍ର ଦେଖିବା ପରେ ଖୁସି ବ୍ୟକ୍ତ କରିବା ସହିତ ଆଗକୁ ହେବାକୁ ଥିବା ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଅରୁଣାଚଳ ପ୍ରଦେଶରେ ସ୍ୱାସ୍ଥ୍ୟସେବା ପାଇଁ ତିରୁପତିଙ୍କୁ ଆମନ୍ତ୍ରଣ



ଭୁବନେଶ୍ୱର, ୧୯।୨(ସମିସ): ଅରୁଣାଚଳ ପ୍ରଦେଶର ଚୀନ, ବର୍ମା ଏବଂ ଆସାମର ସୀମାବର୍ତ୍ତୀ ଅଞ୍ଚଳରେ ଅବହେଳିତ ଲୋକମାନଙ୍କର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଅରୁଣାଚଳ ପ୍ରଦେଶର ସରକାରଙ୍କ ପକ୍ଷରୁ ହାଇଟେକ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କୁ ଆମନ୍ତ୍ରଣ କରାଯାଇଛି। ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଜାଗା ମାନଙ୍କରେ ସୁଚାରୁ ରୂପେ ସେବା ଯୋଗାଇ ଦେବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ନିମନ୍ତେ ତିରୁପତି ପାଣିଗ୍ରାହୀଙ୍କ ସହିତ ଅରୁଣାଚଳ ପ୍ରଦେଶ ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀମାନେ ଆଲୋଚନା କରିଛନ୍ତି। ଅରୁଣାଚଳ ପ୍ରଦେଶରେ ଲୋକମାନଙ୍କର ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ଆଗଭର ହୋଇଥିଲା ବେଳେ ଏଥିପାଇଁ ଡ. ତିରୁପତି ପାଣିଗ୍ରାହୀଙ୍କୁ ସେଠାରେ ଏକ ସ୍ୱାସ୍ଥ୍ୟ ସେବାର ପ୍ରତିଷ୍ଠାନ ଖୋଲାଇ ଲୋକମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଅନୁରୋଧ କରାଯାଇଛି।

# 'ଉତ୍କଳ'ରେ ପ୍ରବେଶ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ

ଭୁବନେଶ୍ୱର, ୧୯।୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରକୁ ବାହ୍ୟ ପ୍ରବେଶ ଉପରେ ରୋକ୍ ଲଗାଇବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କଠୋର ହୋଇଛନ୍ତି। ବାଣୀବିହାର ପରିସରକୁ ପ୍ରବେଶ କରିବା ପାଇଁ ପରିଚୟପତ୍ର ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାସହ ବିଶ୍ୱବିଦ୍ୟାଳୟ ପରିସରକୁ ନିଶାମୁକ୍ତ ରଖିବା ପାଇଁ ମଦ, ତମାଖୁ, ଇ-ସିଗାରେଟ ଏବଂ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି। କ୍ୟାମ୍ପସର ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ବର୍ତ୍ତମାନଠାରୁ ସମସ୍ତ ଛାତ୍ରଛାତ୍ରୀ ଆଇଡି କାର୍ଡ ବାଧ୍ୟତାମୂଳକ ଭାବେ ବ୍ୟବହାର କରିବେ। ପ୍ରବେଶପଥରେ ସୁରକ୍ଷା କର୍ମୀମାନେ ବିଶ୍ୱବିଦ୍ୟାଳୟକୁ ଆସୁଥିବା ପିଲାଙ୍କ ପରିଚୟ ପତ୍ର ଯାଞ୍ଚ କରିବେ। ଯଦି କୌଣସି ବ୍ୟକ୍ତି ନିଜ ପରିଚୟ ପତ୍ର ଦେଖାଇବାରେ ବିଫଳ ହୁଅନ୍ତି ବା କ୍ୟାମ୍ପସରେ ରହିବାର ସଠିକ କାରଣ ଦର୍ଶାଇ ନପାରନ୍ତି, ତେବେ ତାଙ୍କୁ ଅନଧିକାର ପ୍ରବେଶକାରୀ ଭାବେ ଅଟକ ରଖାଯାଇ ତୁରନ୍ତ ପୋଲିସ ଜିମା ଦିଆଯିବ ବୋଲି ବିଶ୍ୱବିଦ୍ୟାଳୟ କୁଳସଚିବ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଉଚ୍ଚସ୍ତରୀୟ କମିଟି ସହ କର୍ମଚାରୀ ସଂଘର ଆଲୋଚନା



ଭୁବନେଶ୍ୱର, ୧୯।୨(ସମିସ): ଓଡ଼ିଶା ଅନୁଦାନ ପ୍ରାପ୍ତ ଓ ଅଣ ଅନୁଦାନ ପ୍ରାପ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ଉଚ୍ଚସ୍ତରୀୟ କମିଟି ସହିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ୨୦୦୮ ଜିଓ ଓ ୨୦୧୪ ଜିଓରୁ ବାଦ୍ ପଡ଼ିଥିବା ୨ୟ କିରାଣି, ୩ୟ ପିଅନ, ଲେଡ଼ି ଆଟେଣ୍ଡ୍ୟାଟ, ରାତ୍ର ଜଗୁଆଳ ଓ ଝାଡୁଦାରମାନଙ୍କୁ କିପରି ବ୍ଲକଗ୍ରାଂଟରେ ଅନ୍ତର୍ଭୁକ୍ତ କରାଯିବ ଓ ତତ୍ ସହିତ ଅନୁଦାନ ପାଉଥିବା କିରାଣୀମାନଙ୍କ ଗ୍ରେଡ୍-ପେ ୧୯୦୦ ରୁ ୪୨୦୦କୁ ବୃଦ୍ଧି କରାଯିବ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ଅନୁଦାନ ପାଉଥିବା ଗ୍ରେଡ୍-ପେ ବୃଦ୍ଧି ସମ୍ପର୍କରେ ଉଚ୍ଚ୍‌ସ୍ତରୀୟ କମିଟି ସହିତ ଆଲୋଚନା କରାଯାଇଛି। ପୂର୍ବ ସରକାରଙ୍କ ସମୟରେ ବିଜ୍ଞପ୍ତି ପାଇଥିବା ଲାବ୍‌ରୋଟୋରୀ ଆଟେଣ୍ଡଣ୍ଟମାନଙ୍କର ବିଜ୍ଞପ୍ତିରେ ଥିବା ତ୍ରୁଟି ୨୦୧୪ ଜିଓ ଆମେଣ୍ଡମେଣ୍ଟ ଅର୍ଡର ୨୦୨୪ ସମ୍ପର୍କରେ ମଧ୍ୟ ସଂଘ ତରଫରୁ ସଂଶୋଧନ କରିବା ପାଇଁ ଉଚ୍ଚସ୍ତରୀୟ କମିଟି ସହିତ ଆଲୋଚନା କରାଯାଇଛି।

ସଂଘର ସଭାପତି-ବନମାଳୀ ପଟ୍ଟନାୟକ, ଉପ-ସଭାପତି-ସୁଶାନ୍ତ କୁମାର ସାମନ୍ତରାୟ, ରାଜକିଶୋର ରଥ, ସାଧାରଣ ସମ୍ପାଦକ-ସଞ୍ଜୟ କୁମାର ବିଶ୍ୱାଳ, ଅନୁପ୍ରଭା ଗୋଛାୟତ ଉଚ୍ଚ୍‌ସ୍ତରୀୟ କମିଟିକୁ ଅନୁରୋଧ କରିଛନ୍ତି। କମିଟିର ଏହି ସମସ୍ତ ଦାବିକୁ ଗୁରୁତ୍ୱର ସହିତ ବିଚାରକୁ ନେଇ ରାଜ୍ୟସରକାରଙ୍କ ସହିତ ଏକ ସକାରାତ୍ମକ ସୁପାରିଶ କରି ଯଥାଶୀଘ୍ର ସଂଘକୁ ଅବଗତ କରାଯିବ ବୋଲି କମିଟିର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ ସମେତ ଅନ୍ୟ ସଦସ୍ୟମାନେ ସଂଘକୁ ପ୍ରତିଶ୍ରୁତି ଦେଇଛନ୍ତି। ସଂଘ ତରଫରୁ ମନୋରଞ୍ଜନ ମହାନ୍ତି, ବ୍ରଜରାଜ ନାଗ, କୈଳାସ ଚନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

'ପ୍ରହାର'ର ରିପୋର୍ଟ

# 'ପଳାୟନ' ପଶ୍ଚିମ ଓଡ଼ିଶା ବିକାଶରେ ବାଧକ

ଭୁବନେଶ୍ୱର, ୧୯ ।୨(ସମିସ): ପଶ୍ଚିମ ଓଡ଼ିଶାରେ ଚାକିରି ସଙ୍କଟ ଏତେ ଗଭୀର ହୋଇଛି ଯେ ହଜାରହଜାର ଯୁବକ-ଯୁବତୀ ଓ ପରିବାର ବର୍ଷକୁ ବାହାର ରାଜ୍ୟକୁ ଋତୁକାଳୀନ ଶ୍ରମିକ ଭାବେ ପଳାଉଛନ୍ତି। କେବଳ କଳାହାଣ୍ଡି ଜିଲ୍ଲାରୁ ପ୍ରାୟ ୬୦ ହଜାର ଲୋକ ବର୍ଷକୁ ଆନ୍ଧ୍ର, ତେଲେଙ୍ଗାନା, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ରାଜ୍ୟକୁ ଯାଉଛନ୍ତି। ଫଳରେ ଏହି ଅଞ୍ଚଳର ଅର୍ଥନୈତିକ ବିକାଶ ପଛରେ ରହିଯାଇଛି। ଏହି ସମସ୍ୟା ସଂପର୍କିକ ଏକ ବିସ୍ତୃତ ରିପୋର୍ଟ ନାଗରିକକୈନ୍ଦ୍ରିକ ସଂଗଠନ 'ପ୍ରହାର' ପକ୍ଷରୁ ପ୍ରକାଶିତ ହୋଇଛି। ଗୁରୁବାର ପ୍ରେସ୍‌କ୍ଲବଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ତଥା ଜାତୀୟ ସଂଯୋଜକ ଅଭୟରାଜ ମିଶ୍ର ସୂଚନା ଦେଇ କହିଛନ୍ତି ଯେ ଉପକୂଳ ଅଞ୍ଚଳରେ ଶିଳ୍ପ ଓ ନିବେଶ ତୀବ୍ର ଗତିରେ ବଢୁଛି। କିନ୍ତୁ କଳାହାଣ୍ଡି, ବଲାଙ୍ଗିର, କୋରାପୁଟ, ନୂଆପଡ଼ା, ରାୟଗଡ଼ା ଓ ନବରଙ୍ଗପୁର ଆଜି ବି ଦାରିଦ୍ର୍ୟ ଓ ପ୍ରବାସ ଭଳି ସମସ୍ୟାରେ ଜର୍ଜରିତ। କୃଷି ଉପରେ ୮୦ପ୍ରତିଶତରୁ ଅଧିକ ଲୋକ ନିର୍ଭର କରୁଛନ୍ତି। କିନ୍ତୁ ଚାଷବାସ ନଥିବା ସମୟରେ ବର୍ଷର ଅଧିକାଂଶ ସମୟ ସେମାନେ ଖାଲିଟାରେ ରହୁଛନ୍ତି। ଅଣ-କୃଷି କ୍ଷେତ୍ରରେ ସ୍ଥାୟୀ ଚାକିରି ପ୍ରାୟତଃ ନାହିଁ। ରିପୋର୍ଟ 'ଗ୍ରାଉଣ୍ଡ କନେକ୍ଟ' ଅନୁଯାୟୀ, କଳାହାଣ୍ଡିର ମୁଣ୍ଡପିଛା ବାର୍ଷିକ ଆୟ ମାତ୍ର ୩୨ହଜାର ଟଙ୍କା ପର୍ଯ୍ୟନ୍ତ ଥିବାବେ ଳେ ରାଜ୍ୟର ହାରାହାରି ଆୟ ୧.୮ ଲକ୍ଷ ଟଙ୍କା। ଏହି ବ୍ୟବଧାନ ପଶ୍ଚିମ ଓଡ଼ିଶାର ବିକାଶରେ ବଡ଼ ବାଧକ ହୋଇଛି।




**ନିଯୁକ୍ତିକୈନ୍ଦ୍ରିକ ବିକାଶ ଉପରେ ଧ୍ୟାନ ହେଲେ ୩୫ହଜାର ନିଯୁକ୍ତି ସୃଷ୍ଟି ହେବ**

ସଂଗଠନର ମତରେ, ନୂତନ ନିବେଶ ଘୋଷଣା କରିବାଠାରୁ ଅଧିକ ଜରୁରୀ ହେଉଛି ପୂର୍ବରୁ ଅନୁମୋଦିତ ଓ ବନ୍ଦ ହୋଇଥିବା ବଡ଼ ପ୍ରକଳ୍ପଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା। ଯଦି ଖଣିସଂଯୁକ୍ତ ଶିଳ୍ପ, ଆଲୁମିନିୟମ ଡାଉନଷ୍ଟ୍ରିମ୍ ପ୍ରକଳ୍ପ ଓ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟରଗୁଡ଼ିକୁ ସକ୍ରିୟ କରାଯାଏ, ଚଳିତବର୍ଷ ୨୫ ହଜାର ନୂଆ ଚାକିରି ସୃଷ୍ଟି ହୋଇପାରିବ। ଏହାଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୩୫ ହଜାର ପର୍ଯ୍ୟନ୍ତ ନିଯୁକ୍ତି ସମ୍ଭବ। ଏକ କାର୍ଯ୍ୟକ୍ଷମ ବକ୍ସାଇଟ୍ ଖଣି ୫୦୦ରୁ ୧୦୦୦ ପ୍ରତ୍ୟକ୍ଷ ଚାକିରି ଦେଇପାରିବ ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଅନ୍ୟ ସଦସ୍ୟ ଓ ବିଶେଷଜ୍ଞମାନେ ମଧ୍ୟ ଉପସ୍ଥିତ ରହିଥିଲେ।

